## ସଂକ୍ଷେପରେ

### ଭୀମପୂଜା କରି ଧର୍ମମାସ ଉଦ୍‌ଯାପନୀ କଲେ ମହିଳା

ଗୁଣପୁର,୨୮।୧୧(ପ୍ରଦୀପ କୁମାର ପାଢ଼ୀ)

ଧର୍ମ ମାସ କାର୍ତ୍ତିକରେ ମହିଳାମାନେ ପ୍ରତ୍ୟେକ ଦିନ ଭୋରୁ ଉଠି ମଠ ମନ୍ଦିର ବୁଲି ଠାକୁରଙ୍କୁ ଦର୍ଶନ କରୁଥିଲେ । ମହିଳାମାନେ କାର୍ତ୍ତିକ ବ୍ରତ କରିବା ପରେ କାର୍ତ୍ତିକ ପୂର୍ଣ୍ଣିମା ପରଦିନ ଅର୍ଥାତ୍ ମଙ୍ଗଳବାର ଭୋର ସକାଳୁ ଭୀମପୂଜା କରି ବ୍ରତ ସମାପନ କରିଥିଲେ। ଗୁଣପୁର କୋର୍ଟ ନିକଟ ତ୍ରିନାଥ ମନ୍ଦିରଠାରେ ମହିଳାମାନେ ବାଲିରେ ଭୀମଙ୍କ ପ୍ରତିମାକୁ ତିଆରି କରି ମୁଢ଼ି, କନ୍ଦମୂଳ, ମୂଳା, ଆଖୁ, କଦଳି ନେଇ ପୂଜା କରିଥିଲେ । କାର୍ତ୍ତିକ ବ୍ରତ କରିବା ସକାସେ ମହିଳାଙ୍କୁ ଭୀମ ଠାକୁର ସହାୟକ ହୋଇ ଯେଉଁ ବଳ ଦେଇଥିଲେ ସେହି ଭୀମଙ୍କୁ ପୂଜା କଲେ ପୁଣି ଆରବର୍ଷକୁ ଭୀମ ବଳଦେଲେ କାର୍ତ୍ତିକ ବ୍ରତ ପାଳନ କରିପାରିବେ ବୋଲି ସେମାନଙ୍କର ବିଶ୍ୱାସ ରହିଛି। ଏହି ନିଆରା ପୂଜାକୁ ନେଇ ମହିଳା ଭକ୍ତଙ୍କ ସମାଗମ ହୋଇଥିଲା। ତ୍ରିନାଥ ମନ୍ଦିର ପୂଜକ ବାଲିରେ ପ୍ରତିମା ତିଆରି କରି ପୂଜା କରିବା ପରେ ମହିଳାମାନେ ଭୀମଙ୍କ ପୂଜା କରିଥିଲେ ।

### ଦୁର୍ଗୀରେ ଅଷ୍ଟପ୍ରହର ନାମଯଜ୍ଞ

ଦୁର୍ଗୀ, ୨୮।୧୧(ଶିଶିର କୁମାର ପାତ୍ର)

ବିଷମକଟକ ବ୍ଲକ୍ ଦୁର୍ଗୀସ୍ଥିତ ଶ୍ରୀ ରାଧାକୃଷ୍ଣ ମଠ ପ୍ରାଙ୍ଗଣରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଆରମ୍ଭ ହୋଇଥିବା ଅଷ୍ଟ ପ୍ରହର ଅଖଣ୍ଡ ନାମ ସଂକୀର୍ତ୍ତନ ମଙ୍ଗଳବାର ଶେଷ ହୋଇଛି । ଅଷ୍ଟପ୍ରହରୀ ପାଇଁ ଦୁର୍ଗୀ ସଂକୀର୍ତ୍ତନ ମଣ୍ଡଳୀ ସହ କଳାହାଣ୍ଡି ଜିଲାର ଲୁକାପଲ୍ଲୀ, ଅମ୍ବାଦଳାର ଝିଙ୍ଗିଡି ଆଦି କୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଫଳରେ ଗତ ୨ ଦିନ ହେଲା ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି ଅଷ୍ଟପ୍ରହରୀରେ ଟିବି ଲକ୍ଷ୍ମୀନାରାୟଣ ପାତ୍ର, ବିଶ୍ୱ ମାଦଳା, ଶ୍ରୀଧର ପାଢ଼ୀ, ଅଜିତ ମହାପାତ୍ର ଆଦି ପରିଚାଳନା କରିଥିଲେ ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଟିକିରି,୨୮।୧୧ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ଟିକିରି ପୋଲିସ ମଙ୍ଗଳବାର ହନୁମାନ ମନ୍ଦିର ପାହାଡ ନିକଟ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରୁ ଜଣେ କର୍ମଚାରୀଙ୍କ ଝୁଲନ୍ତା ଅବସ୍ଥାରେ ଥିବା ମୃତଦେହକୁ ଜବତ କରିଛି। ମୃତକ ହେଲେ ଉତ୍କଳ ଆଲୁମିନା କାରଖାନାରେ ଏକ ଠିକା ସଂସ୍ଥା ଜେସିପିଏଲର କର୍ମଚାରୀ ଖଗେଶ୍ୱର ଜେନା(୪୫)। ତାଙ୍କ ଘର ଭଦ୍ରକ ଜିଲା ସିମୁଳିଆ ଥାନା ବିଷ୍ଣୁପୁର ଗ୍ରାମରେ ବୋଲି ଜଣାପଡ଼ିଛି । ସେ ତାଙ୍କ ପୁଅ ଜିତୁ ଜେନା ସହ ଟିକିରିରେ ଏକ ଭଡା ଘରେ ରହୁଥିଲେ। ଗତ ରବିବାର ସନ୍ଧ୍ୟାରୁ ଖଗେଶ୍ୱର ନିଖୋଜ ଥିଲେ । ମଙ୍ଗଳବାର ସକାଳେ ଏକ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଟିକିରି ଥାନା ଆଇଆଇସି ବିଶ୍ୱନନ୍ଦିନୀ ବାଗ ଓ ଏସ୍ଆଇ ମନୋଜ ଜେନା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ରାୟଗଡା ସାଇଣ୍ଟିଫିକ ଟିମ ଛାନଭିନ କରିବା ପରେ ପୋଲିସ ମୃତଦେହ ଜବତ କରି କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଦେଇଛି। ମୃତବ୍ୟକ୍ତିଙ୍କ ନିକଟରୁ ପୋଲିସ ଏକ ମୋବାଇଲ ଫୋନ ଓ ସୁଇସାଇଡ ନୋଟ ଜେବତ କରିଛି। ବ୍ୟବଚ୍ଛେଦ ପରେ କମ୍ପାନୀ ସହାୟତାରେ ମୃତଦେହକୁ ଭଦ୍ରକ ଜିଲା ତାଙ୍କ ଗ୍ରାମକୁ ପଠାଯିବ ବୋଲି ଜେସିପିଏଲର ଏଚଆର ମ୍ୟାନେଜର ମାନସ ଷଡଙ୍ଗୀ କହିଛନ୍ତି।

# ସନ୍ଦେହରେ ଶହେରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କ ସାର୍ଟିଫିକେଟ୍

ରାୟଗଡ଼ା,୨୮।୧୧(ଆଶିଷ ରଞ୍ଜନ ପଣ୍ଡା)

**ଜାଲ୍ ସାର୍ଟିଫିକେଟ୍ ଦେଇ ଚାକିରି ଘଟଣା**

- ଜିଲାରେ ଲମ୍ବୁଛି ନକଲି ଶିକ୍ଷକଙ୍କ ତାଲିକା
- ୪ ବର୍ଷ ହେଲାଣି ଯାଞ୍ଚ ରିପୋର୍ଟ ଦେଉନି ଆନ୍ଧ୍ର ବିଶ୍ୱବିଦ୍ୟାଳୟ
- କ୍ରାଇମବ୍ରାଞ୍ଚ ଓ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯିବାକୁ ଦାବି

ଜିଲାରେ ନକଲି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ବିଶେଷକରି ଯୁବତୀଯୁବକ ନକଲି ଯୁକ୍ତ ୩ ଏବଂ ବି.ଏଡ୍. ସାର୍ଟିଫିକେଟ ଦେଇ ଶିକ୍ଷକତା କରୁଥିବା ଯାଞ୍ଚ ବେଳେ ଜଣାପଡ଼ିଛି। ଗତ ଏପ୍ରିଲରେ ନକଲି ସାର୍ଟିଫିକେଟ ମାମଲାରେ ଜିଲାରେ ୧୨ ଜଣ ଶିକ୍ଷକଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିଲା। ଏବେ ୧୨୯ ଜଣଙ୍କ ସାର୍ଟିଫିକେଟ ସନ୍ଦେହ ଘେରରେ ରହିଛି । ସାର୍ଟିଫିକେଟ୍ ଯାଞ୍ଚ ପରେ ସେମାନଙ୍କ ମଧ୍ୟରୁ କେତେଜଣ ଅସଲି, କେତେଜଣ ନକଲି ତାହା ଜଣାପଡ଼ିବ । ସମସ୍ତ ସାର୍ଟିଫିକେଟ୍ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ହୋଇଥିବାରୁ ଏ ନେଇ ୨୦୧୯ରୁ ଶିକ୍ଷା ବିଭାଗ ପକ୍ଷରୁ ତଥ୍ୟ ମଗାଯାଇଛି । ହେଲେ ୪ବର୍ଷ ବିତିଯାଇଥିଲେ ମଧ୍ୟ ଆନ୍ଧ୍ର ବିଶ୍ୱବିଦ୍ୟାଳୟ କୌଣସି ତଥ୍ୟ ପ୍ରଦାନ କରୁ ନ ଥିବାରୁ ସନ୍ଦେହ ଦୃଢ଼ୀଭୂତ ହେବାରେ ଲାଗିଛି।

ସୂଚନା ଅନୁସାରେ ୨୦୧୯ ଡିସେମ୍ବର ୩୧ରେ ସମଗ୍ର ଶିକ୍ଷା ତରଫରୁ ଚିଠି ମାଧ୍ୟମରେ ୧୪ଜଣଙ୍କ ଯୁକ୍ତ ୩ ସାର୍ଟିଫିକେଟ ଏବଂ ୧୪୪ଜଣଙ୍କ ବି.ଏଡ୍.ସାର୍ଟିଫିକେଟ ଯାଞ୍ଚ ପାଇଁ ତଥ୍ୟ ମଗାଯାଇଥିଲା । ହେଲେ ୪ବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟ କେବଳ ୧୫ଜଣଙ୍କ ତଥ୍ୟ ପ୍ରଦାନ କରିଛି । ସାର୍ଟିଫିକେଟ ଯାଞ୍ଚ ପାଇଁ ବିଶ୍ୱବିଦ୍ୟାଳୟକୁ ତଥ୍ୟ ମଗାଯିବା ପରେ ୧୪ଜଣ ଚାକିରିରୁ ଇସ୍ତଫା, ବଦଳି ଆଦିରେ ଚାଲିଯାଇଛନ୍ତି । ତେବେ ବଳକା ୧୨୯ଜଣଙ୍କ ତଥ୍ୟ କାହିଁକି ବିଶ୍ୱବିଦ୍ୟାଳୟ ଦେଉନାହିଁ ତାହା ସନ୍ଦେହ ଘେରରେ ରହିଛି। ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ପତ୍ରକୁ ଭ୍ରୂକ୍ଷେପ କରୁ ନ ଥିବା ବେଳେ ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ନକଲି ସାର୍ଟିଫିକେଟ ଦେଇ ଚାକିରି କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ଆରାମରେ ମାସକୁ ମାସ ଦରମା ନେଇ ଚାଲିଛନ୍ତି। ପରବର୍ତ୍ତୀ ସମୟରେ ସେମାନଙ୍କ ସତ୍ୟାସତ୍ୟ ଜଣାପଡ଼ିଲେ ଦରମା ବାବଦକୁ କେତେ ପରିମାଣର ଅର୍ଥ ରାଜ୍ୟ ଅର୍ଥକୋଷରୁ ଚାଲିଯାଇଥିବ ତାହା ଚିନ୍ତାଜନକ । ଯେଉଁ ୧୫୮ ଜଣଙ୍କ ତଥ୍ୟ ପ୍ରଥମେ ସମଗ୍ର ଶିକ୍ଷା ବିଭାଗ ମାଗିଥିଲା ସେଥିରୁ ସର୍ବାଧିକ ୧୩୦ ଜଣ ୨୦୧୬-୧୭ ମସିହାରେ ଚାକିରି ପାଇଥିଲେ। ଆଉ ବଳକା ୨୮ ଜଣ ୨୦୧୩-୧୪ ଓ ୨୦୧୪-୧୫ ମସିହାରେ ଚାକିରି ପାଇଛନ୍ତି। କେବଳ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ନୁହେଁ ଆସାମ, ପଞ୍ଜାବ, ମହାରାଷ୍ଟ୍ର, କର୍ଣ୍ଣାଟକ, ତେଲଙ୍ଗାନା ଓ ଉତ୍ତରପ୍ରଦେଶ ରାଜ୍ୟର ଅନେକ ବିଶ୍ୱବିଦ୍ୟାଳୟର ନକଲି ସାର୍ଟିଫିକେଟ ଦେଇ ଚାକିରି କରିଥିବା ଜଣାପଡ଼ିଛି। ରାଜ୍ୟ ସରକାର ବିଭାଗ ପକ୍ଷରୁ ଏଗୁଡ଼ିକର ଯାଞ୍ଚ ପରିବର୍ତ୍ତେ କ୍ରାଇମବ୍ରାଞ୍ଚ ଓ ଭିଜିଲାନ୍ସ ଦ୍ୱାରା ତଦନ୍ତ କରାଇଲେ ଏଭଳି ବହୁ ନକଲି ସାର୍ଟିଫିକେଟଧାରୀ ଏବଂ ରାକେଟଙ୍କୁ ଧରାଯାଇପାରିବ ବୋଲି ସାଧାରଣରେ ଦାବି ହୋଇଛି । ଏହି ମାମଲାରେ ଜିଲା ସମଗ୍ର ଶିକ୍ଷା ବିଭାଗ ପ୍ରକଳ୍ପ ସଂଯୋଜକ ତଥା ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ପଚାରିବାରୁ କେତେଜଣ ଶିକ୍ଷକଙ୍କ ସାର୍ଟିଫିକେଟ୍ ଯାଞ୍ଚ ରିପୋର୍ଟ ଆସିଛି । ଅନ୍ୟ କେତେଜଣଙ୍କ ଆସିନାହିଁ ବୋଲି କହିଛନ୍ତି। ଆସିଥିବା ରିପୋର୍ଟରୁ ସେମାନଙ୍କ ସାର୍ଟିଫିକେଟ ଅସଲି ଥିବା ଜଣାପଡ଼ିଛି ।

## ଶିରିଗୁଡ଼ା ବଣରେ ବାଘ ପଦଚିହ୍ନ ଠାବ

ଗୁଡ଼ାରୀ, ୨୮।୧୧ (ପ୍ରମୋଦ କୁମାର ପତି /ଆଶିଷ ରଞ୍ଜନ ପଣ୍ଡା )



ରାୟଗଡା ଜିଲା ଗୁଡ଼ାରୀ ବ୍ଲକ ଅନ୍ତର୍ଗତ ଶିରିଗୁଡ଼ା ପଞ୍ଚାୟତ ବୋରିପଦର ଗ୍ରାମ ନିକଟସ୍ଥ ବଣରେ ମଙ୍ଗଳବାର ଏକ ବାଘ ପଦଚିହ୍ନ ଠାବ ହୋଇଛି। ଗୁଡାରୀ ବନାଞ୍ଚଳର ଏକ ସ୍ୱତନ୍ତ୍ର ଟିମ୍ ବାଘ ପଦଚିହ୍ନ ଠାବ କରିଥିବା ଜଣାପଡିଛି। ଏ ସମ୍ପର୍କରେ ଗୁଡ଼ାରୀ ରେଞ୍ଜର ଦିଲୀପ ପଟ୍ଟନାୟକ କହିଛନ୍ତି, ଏକ ପଦଚିହ୍ନ ମିଳିଛି, ମାତ୍ର ଏହା ପ୍ରକୃତରେ ବାଘର ପାଦ ଚିହ୍ନ ନା ଅନ୍ୟ କୌଣସି ବନ୍ୟଜନ୍ତୁଙ୍କର ପାଦ ଚିହ୍ନ ସେ ସମ୍ପର୍କରେ ସେମାନେ ଅଧିକ ଯାଞ୍ଚ ଜାରି ରଖିଛନ୍ତି । ରାୟଗଡ଼ା ଏସିଏଫ ସଞ୍ଜୀବ ପୃଷ୍ଟି ଉପସ୍ଥିତ ରହି ଗୁଡ଼ାରୀ ଏବଂ ଚନ୍ଦ୍ରପୁର ବ୍ଲକର ବିଭିନ୍ନ ଗ୍ରାମରେ ଡାକବାଜି ଯନ୍ତ୍ର ଦ୍ୱାରା ସ୍ଥାନୀୟ ଲୋକଙ୍କୁ ସଚେତନ କରୁଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଗୃହପାଳିତ ପ୍ରାଣୀ, ଛୋଟ ପିଲାଙ୍କୁ ବଣକୁ ନ ଛାଡ଼ିବା ପାଇଁ ଏସିଏଫ୍ ପୃଷ୍ଟି ପରାମର୍ଶ ଦେଇଛନ୍ତି । ତେବେ ଏହା ବାଘର ପଦଚିହ୍ନ ବୋଲି ଜାଣିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି ।

## ରାୟଗଡ଼ାରେ ପହଞ୍ଚିଲା ଅଯୋଧ୍ୟାର ଅକ୍ଷତ କଳସ

ରାୟଗଡ଼ା,୨୮।୧୧ (ଭାଗ୍ୟଶ୍ରୀ ମିଶ୍ର)



ଅଯୋଧ୍ୟାର ପବିତ୍ର ଅକ୍ଷତ କଳସକୁ ପଦଯାତ୍ରାରେ ସହର ପରିକ୍ରମା କରାଯାଉଛି ।

ରାୟଗଡ଼ାରେ ପହଞ୍ଚିଲା ଅଯୋଧ୍ୟାର ପବିତ୍ର ଅକ୍ଷତ କଳସ। ରାୟଗଡ଼ା ଜିଲାରୁ ପ୍ରତିନିଧିତ୍ୱ କରୁଥିବା ଶ୍ୟାମ କୁମାର ଦାଶ ଏବଂ ଅଶୋକ କୁମାର ମହାରଣା ଏହି ପବିତ୍ର ଅକ୍ଷତ କଳସକୁ ନେଇ ରାୟଗଡ଼ା ରେଳ ଷ୍ଟେସନଠାରେ ପହଞ୍ଚିଥିଲେ। ପରେ ରାୟଗଡ଼ା ବିଶ୍ୱ ହିନ୍ଦୁ ପରିଷଦ ଓ ଅନ୍ୟାନ୍ୟ ହିନ୍ଦୁ ସଙ୍ଗଠନଗୁଡ଼ିକ ଗୈରିକ ଧ୍ୱଜା, ଘଣ୍ଟ, ଶଙ୍ଖ, ବାଦ୍ୟରେ ସ୍ୱାଗତ କରିଥିଲେ। ସେମାନେ ଏକ ବିରାଟ ପଟୁଆରରେ ରେଳ ଷ୍ଟେସନଠାରୁ ପଦଯାତ୍ରାରେ ବାହାରି ସହର ପରିକ୍ରମା କରି ସ୍ଥାନୀୟ ରାଣୀଗୁଡ଼ା ଫାର୍ମସ୍ଥିତ ମା’ ମଙ୍ଗଳା ମନ୍ଦିରକୁ ପାଛୋଟି ନେଇଥିଲେ। ସେଠାରେ ଜନସାଧାରଣଙ୍କ ଦର୍ଶନ ପାଇଁ ଅକ୍ଷତ ରଖାଯିବାର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଦିନ ଅକ୍ଷତ କଳସ ପୂଜାର୍ଚ୍ଚନା କରାଯିବା ସହ ହନୁମାନ ଚାଳିଶା ପଠନ ଏବଂ ସଂକୀର୍ତ୍ତନର ବ୍ୟବସ୍ଥା ହୋଇଛି। ପରେ ପବିତ୍ର ଅକ୍ଷତ ପ୍ରତ୍ୟେକ ବ୍ଲକକୁ ପଠାଯିବାର କାର୍ଯ୍ୟକ୍ରମ ଅଛି। ଆସନ୍ତା ଜାନୁୟାରୀ ପହିଲାରୁ ୧୫ ତାରିଖ ମଧ୍ୟରେ ସମଗ୍ର ଭାରତରେ ପ୍ରତ୍ୟେକ ଘରକୁ ଏହି ପୂଜା ପାଉଥିବା ଅକ୍ଷତ ସହିତ ଅଯୋଧ୍ୟା ଶ୍ରୀରାମ ମନ୍ଦିରକୁ ନିମନ୍ତ୍ରଣ କରାଯିବା ଯୋଜନା କରାଯାଇଛି। ଏହି କ୍ରମରେ ରାୟଗଡ଼ା ଜିଲାରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶୁଭ କଳସ ସ୍ୱାଗତ ସମୟରେ ଯୋଗୀଶ୍ରୀ ଚୈତନ୍ୟ ରାମଜି, ରାଜେନ୍ଦ୍ର ସାହୁ, ଶଙ୍କର ପ୍ରଧାନ, ପ୍ରଫୁଲ୍ଲ ପାତ୍ର, ଗୌରହରି ନାୟକ, ଯୋଗେଶ୍ୱର ଦାସ, ପ୍ରଭାତ ମହାପାତ୍ର, ମୁରଲୀଧର ବେହେରା,ବିଜୟ ଚୌଧୁରୀ, ବସନ୍ତ କୁମାର ଉଲ୍ଲାକା,ବିଦ୍ୟାଭୂଷଣ ପଣ୍ଡା, ଏମ୍. ବିଦ୍ୟାସାଗର, ମଞ୍ଜୁଳା ମିନିଆକା, ଦୁର୍ଗାମାଧବ ଘୋଷଙ୍କ ସମେତ ଶତାଧିକ ଭକ୍ତ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

## କୃଷି ସଚେତନତା ରଥ ଉଦ୍‌ଘାଟିତ

ଗୁଡ଼ାରି,୨୮।୧୧ (ପ୍ରମୋଦ କୁମାର ପତି )

ଗୁଡ଼ାରୀ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ମଙ୍ଗଳବାର କୃଷି ସଚେତନତା ରଥ ଶୁଭାରମ୍ଭ ହୋଇଛି। କୃଷି ଅଧିକାରୀ ସୁଶୀଳ ଶବର ଏହାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳନା ହେଉଥିବା ବିଭିନ୍ନ ପ୍ରକାରର କୃଷି ଯୋଜନା ଯଥା କାଳିଆ ଯୋଜନା, ବଳରାମ ସମନ୍ୱିତ କୃଷି ପ୍ରଣାଳୀ, ଆଡ଼ିରୁଆ, ଟିଏମସି , କଟନ ଆଇଏପି କଟନ, ଏନଏଫଏସଏମ ମୃତ୍ତିକା ପରୀକ୍ଷା ପ୍ରଭୃତି ବିଷୟରେ କୃଷକମାନଙ୍କୁ ନୃତ୍ୟ ଗୀତ ଓ ଅଭିନୟ ମାଧ୍ୟମରେ ପ୍ରଚାର ଓ ପ୍ରସାର କରିବା ଏହି ରଥର ମୂଳ ଲକ୍ଷ୍ୟ ବୋଲି କୃଷି ଅଧିକ୍ଷକ ମୃତ୍ୟୁଞ୍ଜୟ ଦେଓ କହିଥିଲେ । ଏହି ରଥ ଗୁଡ଼ାରି ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତରେ ୩ ଦିନ ପରିକ୍ରମା କରିବ । ଏହି କୃଷି ରଥ ଉଦଘାଟନ ସମୟରେ ସମସ୍ତ କର୍ମଚାରୀ, ଏ.ଟି.ଏମ ଓ ଚାଷୀ ଉପସ୍ଥିତ ଥିଲେ ।

## ଜିଲାସ୍ତରୀୟ ସର୍ଗିଫୁଲ ଉଦ୍‌ଯାପିତ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ରାୟଗଡ଼ା,୨୮।୧୧(ଆଶିଷ ରଞ୍ଜନ ପଣ୍ଡା)

ଜିଲାସ୍ତରୀୟ ସର୍ଗିଫୁଲ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏଏସପି ବିଷ୍ଣୁ ପ୍ରସାଦ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ଭିତରେ ଥିବା ପ୍ରତିଭାକୁ ଚିହ୍ନଟ କରିବା ଆବଶ୍ୟକ ବୋଲି ଛାତ୍ରୀଛାତ୍ରଙ୍କୁ କହିଥିଲେ। ଶିକ୍ଷକ ଦ୍ୱିତୀ ଚନ୍ଦ୍ର ସାହୁଙ୍କ ସଂଯୋଜନାରେ ପରିଚାଳିତ ଏହି ଉତ୍ସବରେ ରାୟଗଡ଼ା ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ ସର୍ଗିଫୁଲ ଆୟୋଜନର ମହତ୍ତ୍ୱ ଦିଗ ପ୍ରତି ଆଲୋକପାତ କରିଥିଲେ। ଶିକ୍ଷା ମଣ୍ଡଳାଧିଶ ଶ୍ୟାମଘନ ଭୂୟାଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଡ଼. ଦିଲୀପ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟତମ ଅତିଥି ଭାବେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ସନ୍ତୋଷ କୁମାର ପାତ୍ର ଯୋଗ ଦେଇଥିଲେ । ପରେ ବିବିଧ ପ୍ରତିଯୋଗିତା, ଭଲିବଲ ଓ ବିଜ୍ଞାନ ପ୍ରଦର୍ଶନୀର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ୩ଟି ଦଳଗତ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ସବୁ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ପ୍ରତିଯୋଗୀମାନେ ଜୋନାଲସ୍ତରୀୟ ସରଗିଫୁଲ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଶିକ୍ଷକ ସଞ୍ଜୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ସରକାରଙ୍କ ବିକାଶମୂଳକ ଯୋଜନା ଉପରେ ପ୍ରଶିକ୍ଷଣ



ତାଲିମ ଶିବିରରେ ଉପସ୍ଥିତ ବିଜେଡି ନେତା ଓ କର୍ମୀମାନେ।

ରାୟଗଡ଼ା,୨୮।୧୧(ଆଶିଷ ରଞ୍ଜନ ପଣ୍ଡା)

**ବିଜେଡି କର୍ମୀ ପ୍ରଶିକ୍ଷଣ ଶିବିର**

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସମସ୍ତ ରାଜନୈତିକ ଦଳ ପ୍ରଚାର ମଇଦାନକୁ ଓହ୍ଲାଇଥିବା ବେଳେ ଶାସକ ଦଳ ବିଜେଡି ପ୍ରତିନିଧି ଓ କର୍ମୀଙ୍କୁ ନେଇ ଆରମ୍ଭ କରିଛି ପ୍ରଶିକ୍ଷଣ ଶିବିର । ଏଥିରେ ରାଜ୍ୟ ସରକାରଙ୍କ ସମସ୍ତ ବିକାଶମୂଳକ ଯୋଜନା ଉପରେ ପ୍ରଶିକ୍ଷଣ ଦିଆଯାଉଛି। ରାୟଗଡ଼ା ବ୍ଲକର ୨୮ଟି ପଞ୍ଚାୟତର ପ୍ରତ୍ୟେକ ୱାର୍ଡରୁ ୪ଜଣ ଲେଖାଏ ସକ୍ରିୟ ସଦସ୍ୟ ଯୋଗଦେଇ ତାଲିମ ଗ୍ରହଣ କରୁଛନ୍ତି। ଭୁବନେଶ୍ୱରରୁ ୨ଜଣ ପ୍ରଶିକ୍ଷକ ଅଭିଷେକ ଜଗତ ଓ ଦେବାଶିଷ ସ୍ୱାଇଁ ସେମାନଙ୍କୁ ତାଲିମ ଦେଉଛନ୍ତି। ପ୍ରଶିକ୍ଷଣ ପରେ ଅଞ୍ଚଳରେ ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନାଗୁଡ଼ିକ ଲୋକଙ୍କ ନିକଟକୁ ପହଞ୍ଚାଇବେ। ଯାହା ଆଗାମୀ ନିର୍ବାଚନରେ ବିଜେଡିକୁ ଏକ ବଡ଼ ଭୋଟବ୍ୟାଙ୍କରେ ସହାୟତା ହେବା ନେଇ ବିଜେଡି ଆଶାବାଦୀ ରହିଛି।

ବିଜେଡି ରାଜ୍ୟ ଉପସଭାପତି ଏନ୍.ଭାସ୍କର ରାଓଙ୍କ ନେତୃତ୍ୱରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ଆୟୋଜିତ ଏହି ଶିବିରରେ ରାୟଗଡ଼ା ନିର୍ବାଚନମଣ୍ଡଳୀର ରାୟଗଡ଼ା ବ୍ଲକ, ଜିଲା ପରିଷଦ କ ଓ ଗ ଜୋନ୍ ଏବଂ ପୌର ପରିଷଦର ସମସ୍ତ ପ୍ରତିନିଧି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲା ଉପସଭାପତି ବିନାୟକ କର ଅତିଥିମାନଙ୍କୁ ମଞ୍ଚ ଉପରକୁ ଆମନ୍ତ୍ରିତ କରିଥିଲେ । ଏଥିରେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ରଞ୍ଜିତ ରାୟ, ବିଧାୟକ ମକରନ୍ଦ ମୁଦୁଲି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝି, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ପୌର ଅଧ୍ୟକ୍ଷ ପି.ମହେଶ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । ବର୍ତ୍ତମାନ ଭୋଟର ତାଲିକାରେ ଯେଭଳି ସମସ୍ତ ଯୋଗ୍ୟ ଭୋଟର ପଞ୍ଜୀକୃତ ହୋଇପାରିବେ ସେଥିପ୍ରତି ବିଶେଷ ଧ୍ୟାନଦେବାକୁ ସମସ୍ତଙ୍କୁ କୁହାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମହିଳା ସଭାପତି ଶର୍ମିଷ୍ଠା ପାଢ଼ୀ, ରାଜ୍ୟ ଉପସଭାନେତ୍ରୀ ସୁଜାତା ପାଲ, ରାଜ୍ୟ ସାଧାରଣ ସମ୍ପାଦକ ଚନ୍ଦ୍ରକାନ୍ତ ସାମଲ ଓ ବହୁ ବରିଷ୍ଠ ଏବଂ ଯୁବ ନେତାଙ୍କ ସମେତ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ । ରାଜ୍ୟ ସାଧାରଣ ସମ୍ପାଦକ ଅମିୟ ସ୍ୱାଇଁଙ୍କ ନେତୃତ୍ୱରେ ବ୍ଲକ ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, କାଉନସିଲର ସନ୍ତୋଷ ଦଳାଇ, ଜିଲା ସମ୍ପାଦକ କିରଣ କୁମାର, ଟାଉନ ସଭାପତି ବି.ଜଗନମୋହନ, ଶ୍ରୀକାନ୍ତ ଚୌଧୁରୀ, ପପୁ ପ୍ରବୀଣ କୁମାର, ତପନ ପେଦେଣ୍ଟି, ହୃଷୀକେଶ କୁଳଦୀପ, ବାଦଲ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ପ୍ରଶାନ୍ତ ସମ୍ମାନିତ

ପଦ୍ମପୁର,୨୮।୧୧ (ପ୍ରଶାନ୍ତ କୁମାର କର)




ଗଞ୍ଜାମ ସହରସ୍ଥିତ ଭାରତୀ ବିଦ୍ୟାପୀଠରେ ଦିଗ୍‌ଦର୍ଶନ ଫାଉଣ୍ଡେଶନ, ରାଜ୍ୟ ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ଓ ଗଞ୍ଜାମ ସାଂସ୍କୃତିକ ମଞ୍ଚର ମିଳିତ ଆନୁକୂଲ୍ୟରେ ‘ଲୋକପ୍ରିୟ ମୁଖ୍ୟମନ୍ତ୍ରୀ’ ନାମକ ପୁସ୍ତକ ଉନ୍ମୋଚିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲା ପଦ୍ମପୁରର ଖବରଦାତା ପ୍ରଶାନ୍ତ କୁମାର କରଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ପୁସ୍ତକର ସମ୍ପାଦନା ମଣ୍ଡଳୀରେ ତାଙ୍କର ଉନ୍ନତ ଲେଖାର ଗୁରୁତ୍ୱକୁ ବିଚାରକୁ ନେଇ ସମ୍ମାନିତ କରାଯାଇଛି । ସମ୍ବର୍ଦ୍ଧନା ଉତ୍ସବରେ ‘ନିଶିଗନ୍ଧା ଭାଷା’ ପ୍ରତିଷ୍ଠାତା ବଳରାମ ତରାଇ, ଦିଗ୍‌ଦର୍ଶନ ନିର୍ଦ୍ଦେଶିକା ବିଜୟ ଲକ୍ଷ୍ମୀ ମହାଙ୍କୁଡ଼, ପାରିକୁଦ ଗଡ଼ ରାଜା ସାହେବ ସନ୍ତୋଷ ସିଂଦେଓ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ତଥା ଗଞ୍ଜାମ ଜିଲା ବିଜେଡି ସଭାପତି ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଧାୟକ ତଥା ପ୍ରେରଣା ଗ୍ରୀନ ଆର୍ମି ଚିଫ୍ କମାଣ୍ଡର ସହ ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ସଭାପତି ଡ. ଦିଲୀପ ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ପୂର୍ବତନ ଛତ୍ରପୁର ବିଧାୟକ ଅଶୋକ କୁମାର ଚୌଧୁରୀ, ଗଞ୍ଜାମ ଏନ୍‌ଏସି ଉପ-ନଗରପାଳ ସୁରେନ୍ଦ୍ର କୁମାର ବାରିକ, ଗଞ୍ଜାମ କଳା ସାଂସ୍କୃତିକ ମଞ୍ଚ ସଭାପତି ଶବର କୁମାର ତରାଇ, ସମ୍ପାଦକ ରାକେଶ ରଞ୍ଜନ ଦାଶ, ଉପଦେଷ୍ଟା ସୁଧୀର କୁମାର ପାଢ଼ୀ, ନେହେରୁ ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରିୟା ରୂପାଲୀ ମହାପାତ୍ରଙ୍କ ସହ ମଞ୍ଚ ଅଭିନେତା ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକଙ୍କ ପଦୋନ୍ନତି ତାଲିକା ପୁନଃ ନିର୍ଦ୍ଧାରଣ ଦାବି

ରାୟଗଡ଼ା,୨୮।୧୧(ଆଶିଷ ରଞ୍ଜନ ପଣ୍ଡା)

ଜିଲା ଶିକ୍ଷା ବିଭାଗ ପକ୍ଷରୁ ନଭେମ୍ବର ୨୩ରେ ଶିକ୍ଷକଙ୍କ ପଦୋନ୍ନତି ତାଲିକା ପ୍ରକାଶ ପାଇଛି। ହେଲେ ପଦୋନ୍ନତି ତାଲିକା ଚୂଡ଼ାନ୍ତ କରିବାରେ ଅନିୟମିତତା ହୋଇଥିବା ଅଭିଯୋଗକରି ଜିଲାର କେତେଜଣ ବରିଷ୍ଠ ଶିକ୍ଷକ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏ ନେଇ ଶିକ୍ଷକମାନେ ମଙ୍ଗଳବାର ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲା ଶିକ୍ଷାଧିକାରୀଙ୍କ ଅନୁପସ୍ଥିତିରେ ଏହି ଦାବିପତ୍ର ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭଜନଲାଲ ମାଝି ଗ୍ରହଣ କରିଥିଲେ। ଏ ନେଇ ସେ ଜିଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନାକରି ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏଥିସହ ଦାବିପତ୍ରର ଏକକିତା ନକଲ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ୫-ଟି ଅଧ୍ୟକ୍ଷ , ସ୍କୁଲ ଓ ଗଣଶିକ୍ଷା ବିଭାଗ କମିଶନର, ଶିକ୍ଷା ବିଭାଗର ସମେତ ରାୟଗଡ଼ା ଜିଲାପାଳଙ୍କୁ ମଧ୍ୟ ପ୍ରେରଣ କରିଛନ୍ତି।

ଉକ୍ତ ପଦୋନ୍ନତି ତାଲିକା ଚୂଡ଼ାନ୍ତ କରିବାରେ ଅନିୟମିତତା ରହିଥିବା ଦର୍ଶାଇ ଶିକ୍ଷକମାନେ ଦାବିପତ୍ରରେ ୫ଟି ତଥ୍ୟ ବିଷୟରେ ଉଲ୍ଲେଖ କରିଛନ୍ତି । ସେଗୁଡ଼ିକ ହେଲା ଚାକିରି ପାଇବା ପରେ ୨୦୧୧ ପୂର୍ବରୁ ସ୍ନାତକ ହାସଲ କରିଥିବା ଶିକ୍ଷକଙ୍କ ସ୍ନାତକ ହାସଲ ତାରିଖ ଉଲ୍ଲେଖିତ ନାହିଁ। ଏଥିସହ ସେମାନେ ସ୍ନାତକ ପଢ଼ିବା ପାଇଁ ବିଭାଗୀୟ ଅନୁମତି ନେଇଥିବା ନେଇ ଜିଲା ଶିକ୍ଷା ବିଭାଗ ପକ୍ଷରୁ କୌଣସି ଯାଞ୍ଚ କରାଯାଇନାହିଁ ବୋଲି ସେ କହିଛନ୍ତି । ସେହିଭଳି ପୂର୍ବରୁ ସ୍ନାତକ ହାସଲ କରିଥିବା ଶିକ୍ଷକଙ୍କ ତାଲିକା ପରେ କାର୍ଯ୍ୟକାଳ ମଧ୍ୟରେ ସ୍ନାତକ ହାସଲ କରିଥିବା ଶିକ୍ଷକଙ୍କୁ ତାଲିକାଭୁକ୍ତ କରିବାରେ ବ୍ୟତିକ୍ରମ ଦେଖାଦେଇଛି । ଏଥିସହ ୧୯୯୭ କ୍ୟାଡର ନିୟମ ୧୫ ଓ ୧୧ ଏବଂ ୨୦୧୯ କ୍ୟାଡର ଆମେଣ୍ଡମେଣ୍ଟ ପ୍ରକାରେ ପୁନଃ ତାଲିକା ପ୍ରକାଶ କରିବା ପାଇଁ ଶିକ୍ଷକମାନେ ଦାବି କରିଛନ୍ତି । ଏଥିସହ ବାରମ୍ବାର ବିଭାଗକୁ ସମସ୍ତ ତଥ୍ୟ ପ୍ରଦାନ କରାଯାଇଥିଲେ ମଧ୍ୟ ବିଭାଗ ଭୁଲ୍ ତାଲିକା ପ୍ରକାଶ କରିଥିବା ଶିକ୍ଷକମାନେ କହିଛନ୍ତି । ତେଣୁ ଜିଲା ଶିକ୍ଷା ବିଭାଗ ଏଥିପ୍ରତି ଧ୍ୟାନ ଦେଇ ଏହାର ସଂଶୋଧନ କରିବାକୁ ଶିକ୍ଷକମାନେ ଦାବି କରିଛନ୍ତି ।



ଶିକ୍ଷକମାନେ ଅତିରିକ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ଦେଉଛନ୍ତି।

## ଗ୍ରାମାଞ୍ଚଳରେ ଡୁଡା ନିୟମକୁ ବିରୋଧ

ବିଷମକଟକ, ୨୮।୧୧(ବିଭୂତି ଭୂଷଣ ନାୟକ)

**ବିଷମକଟକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି**



ଅଭିଯୋଗ ଶୁଣାଣି ଶିବିର ଏଡିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ରାୟଗଡା ଜିଲା ବିଷମକଟକ ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ମଙ୍ଗଳବାର ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ ସମୁଦାୟ ୪୬ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ୩୭ଟି ସାମୂହିକ ଅଭିଯୋଗ ଥିବାବେଳେ ଓ ୯ଟି ବ୍ୟକ୍ତିଗତ ଅଭିଯୋଗ ଶୁଣାଣି ହୋଇଥିଲା ।

ବିଷମକଟକ ଉପ ନିବନ୍ଧକଙ୍କ କାର୍ଯ୍ୟାଳୟ ଅଧୀନରେ ଯାଉଥିବା ଗ୍ରାମାଞ୍ଚଳରେ ଜିଲା ସହରୀ ବିକାଶ ସଂସ୍ଥା (ଡୁଡା) ନିୟମାବଳୀକୁ ମାନିବାକୁ ବାଧ୍ୟ କରାଯାଉଛି । ଫଳରେ ପ୍ରାୟ ୬ ମାସରୁ ଅଧିକ ସମୟ ହେବ ସାଧାରଣ ଲୋକଙ୍କ ଜମିଜମା ବିକ୍ରି, ପଞ୍ଜିକରଣ ହୋଇପାରୁନି ବୋଲି ବିଷମକଟକ ଓକିଲ ସଂଘ ଓ ନାଗରିକ ମଞ୍ଚ ସଦସ୍ୟମାନେ ଅଭିଯୋଗ କରିଛନ୍ତି। ତେଣୁ ଗ୍ରାମାଞ୍ଚଳରେ ଏହାକୁ ଶୀଘ୍ର ଖାରଜ କରାଯିବାକୁ ସଂଘ ପକ୍ଷରୁ ଦାବି ହୋଇଛି। ଅଭିଯୋଗକାରୀଙ୍କ ମୁତାବକ, ‘ଡୁଡା’ ର କ୍ଷମତା କେବଳ ଅର୍ବାନ ଓ ସହରାଞ୍ଚଳ ପାଇଁ ସୀମିତ ଥିବା ସ୍ଥଳେ ବିଷମକଟକ ଉପନିବନ୍ଧକଙ୍କ କାର୍ଯ୍ୟାଳୟଠାରେ ‘ଡୁଡା’ ନିୟମାବଳୀକୁ ମାନିବାକୁ ବାଧ୍ୟ କରାଯାଉଛି। ଏହି ନିୟମ କେବଳ ସହରାଞ୍ଚଳ ପାଇଁ ହୋଇଥିବାବେଳେ ଏହାକୁ ପଞ୍ଚାୟତସ୍ତରରେ କିଭଳି ଲାଗୁ କରିବା ପାଇଁ ବାଧ୍ୟ କରାଯାଉଛି ବୋଲି ବିଷମକଟକ ବରିଷ୍ଠ ଆଇନଜୀବୀ ଜି. ତିରୁମୂଲା ରାଓ ପ୍ରଶ୍ନ କରିଛନ୍ତି। ଏହି ସମସ୍ୟା ଯୋଗୁଁ ବିଷମକଟକ ତହସିଲର ଶତାଧିକ ସାଧାରଣ ଲୋକଙ୍କ ଜମିଜମା ବିକ୍ରି, ପ୍ଲଟ ଆଦି କ୍ରୟ, ପଞ୍ଜିକରଣ ସବୁ ଠପ ହୋଇ ପଡିଛି । ଫଳରେ ରାଜସ୍ୱ ଆଦାୟ ଦିଗରେ ବାଧା ସୃଷ୍ଟି କରୁଛି । ଏ ନେଇ ବିଷମକଟକ ତହସିଲଦାର କୌଣସି ପ୍ରତିକ୍ରିୟା ଦେଇ ନ ଥିବା ବେଳେ ଆଗାମୀ ଦିନରେ ଯଦି ଏହି ନିୟମକୁ ବାତିଲ କରା ନ ଯାଏ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବା ନେଇ ସଂଘ ସ୍ପଷ୍ଟ କରିଛି। ଏହି ଅବସରରେ ବିଷମକଟକ ବାର ଓକିଲ ସଂଘ ସଦସ୍ୟ ଜି. ତିରୁମୂଳା ରାଓ, ମନୋଜ ପାତ୍ର, କୁଳନାଥ ପାଢ଼ୀ, ଶଙ୍କର୍ଷଣ ରଥ, ସିଦ୍ଧାର୍ଥ ପଟ୍ଟନାୟକ ଓ ବିଷମକଟକ ନାଗରିକ ମଞ୍ଚର ସଭାପତି ଗୋପାଳ କୃଷ୍ଣ ପଟ୍ଟନାୟକ ଓ ଅରବିନ୍ଦ ମହାରଣା ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

ସେହିପରି ଚାଟିକଣା ରେଳବାଇ ରାସ୍ତା ଉଚ୍ଛେଦକୁ ବିରୋଧ କରିବା ସହ ଓଭର୍ ବ୍ରିଜ ଖନନ କାମ ବନ୍ଦ କରିବା ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ରେଳବାଇ ରାସ୍ତା ଉଚ୍ଛେଦ ଯୋଗୁ ୨୦୦ରୁ ଊର୍ଦ୍ଧ୍ୱ ପରିବାର ମୌଳିକ ସୁବିଧାରୁ ବଞ୍ଚିତ ହେବେ ବୋଲି ଅଭିଯୋଗ ହୋଇଛି। ଉକ୍ତ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ରାସ୍ତା କାମ ବନ୍ଦ ରଖିବାକୁ ଚାଟିକଣା ସରପଞ୍ଚ ପି. କିରଣ ଲତା ଏଡିଏମ୍‌ଙ୍କୁ କହିଥିଲେ । ବିଷମକଟକରୁ ଡୁକୁମୁ ରାସ୍ତା ଅବସ୍ଥା ଜରାଜୀର୍ଣ୍ଣ ଥିବାରୁ ଝିଙ୍ଗିଡି ସରପଞ୍ଚ ଅଜିତ କୁମାର ସାରକା ଓ ଡୁକୁମୁର ପୂର୍ବତନ ସରପଞ୍ଚ କିରଣ କୁମାର ସାରକା ଅଭିଯୋଗ କରିଥିଲେ।

## ମାଛପୁଟରେ ଯୁବ ମହୋତ୍ସବ ଉଦ୍‌ଯାପିତ

ଦଶମନ୍ତପୁର ୨୮।୧୧(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମାଛପୁଟ ସରକାରୀ (ଏସ୍‌ଏସ୍‌ଡି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ଚାଲିଥିବା ଯୁବ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ହୃଷୀକେଶ ବିଡ଼ିକାଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ମୁଖ୍ୟବକ୍ତା ଅତିରିକ୍ତ ଜିଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅର୍ଜୁନ ନାୟକ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଅରୁଣ ଟେଙ୍ଗି, ବ୍ଲକ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ ନାୟକ, ମାଛପୁଟ ସେବାଶ୍ରମ ପ୍ରଧାନ ଶିକ୍ଷକ ନରେନ୍ଦ୍ର ଖସ୍‌ଲା, ବରିଷ୍ଠ ନେତା ପ୍ରତାପ ଖସ୍‌ଲା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋପାଳ ଜାନି, ଅଧ୍ୟାପକ ଘନ ଜାନି, କୃଷ୍ଣ ଶିସା ଉପସ୍ଥିତ ଥିଲେ। ୨୩ରୁ ଆରମ୍ଭ ହୋଇଥିବା ଏହି ଯୁବ ମହୋତ୍ସବରେ ଯୋଗାସନ ପ୍ରତିଯୋଗିତା ସହ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କ୍ରୀଡ଼ାର ମହତ୍ତ୍ୱ, ଅନ୍ତର୍ନିହିତ ଗୁଣାବଳୀର ବିକାଶ ଏବଂ ଏହାର ଲକ୍ଷ୍ୟ ଉପରେ ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ମତ ରଖିଥିଲେ। ଅଧ୍ୟାପକ କୃଷ୍ଣ ସିଶା ପରିଚାଳନା କରିଥିଲେ। କିର୍ତ୍ତିକା ଦେବୀ, ଅମ୍ବିକା ଖୋଡ଼ିଆ, ଶିକ୍ଷକ ରାଜ ବିଡ଼ିକା, ସୁରେଶ ଚନ୍ଦ୍ର ବେହେରା, ଶିକ୍ଷକ ରାମଚନ୍ଦ୍ର ଜାନି, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

# ୧୦ ଦୁର୍ଗମ ପଞ୍ଚାୟତରେ ସିଏସ୍‌ପି ପ୍ଲସ୍ ସେବାକେନ୍ଦ୍ର ଉଦ୍‌ଘାଟିତ



ଆଭାସି ମାଧ୍ୟମରେ ବ୍ୟାଙ୍କସେବା ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଦେଖୁଥିବା ଅତିଥି ଓ ଜନସାଧାରଣ।

ନନ୍ଦପୁର, ୨୮।୧୧(ଶଙ୍କର ପୂଜାରୀ)

- ଆଭାସି ମାଧ୍ୟମରେ ଲୋକାର୍ପଣକଲେ ମୁଖ୍ୟମନ୍ତ୍ରୀ
- ଦ୍ୱିତୀୟ ପର୍ଯ୍ୟାୟରେ ସବୁ ପଞ୍ଚାୟତକୁ ମିଳିବ ବ୍ୟାଙ୍କ ସେବା: ବିଡ଼ିଓ

ଦୁର୍ଗମ ପଞ୍ଚାୟତଗୁଡିକରେ ନେଟ୍‌ୱର୍କସେବା, ବ୍ୟାଙ୍କସେବା ନ ଥାଇ ଲୋକେ ହଇରାଣ ହେଉଥିଲେ। ଲୋକଙ୍କ ହାତପାଆନ୍ତାରେ ବ୍ୟାଙ୍କସେବା ଯୋଗାଇଦେବାକୁ ସରକାର ନିଷ୍ପତ୍ତି ନେଇଥିଲେ। ମଙ୍ଗଳବାର ଆଭାସି ମାଧ୍ୟମରେ ନନ୍ଦପୁର ବ୍ଲକର ୧୦ଟି ଦୁର୍ଗମ ପଞ୍ଚାୟତରେ ବ୍ୟାଙ୍କସେବା ଯଥା ସିଏସ୍‌ପି ପ୍ଲସ୍ ସେବା କେନ୍ଦ୍ରକୁ ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ ଉଦ୍‌ଘାଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନନ୍ଦପୁର ବ୍ଲକର ୧୦ ପଞ୍ଚାୟତ ଯଥା ଅତଣ୍ଡା, ଚାଟୁଆ, ଗୋଲୁର, ହାତୀବାରି, ଖେମୁଣ୍ଡୁଗୁଡା, ଖ୍ରିନବର, ଖୁର୍ଜି, ମାଳିବେଲଗାଁ, ନନ୍ଦକା, ପାଣ୍ଟଲୁଙ୍ଗ ପଞ୍ଚାୟତରେ କାର୍ଯ୍ୟକ୍ରମମାନ ଆୟୋଜନ ହୋଇଥିଲା। ପୂର୍ବରୁ ଏନେଇ ବ୍ଲକ ପ୍ରଶାସନ ସିଏସ୍‌ପି ପ୍ଲସ୍ ସେବା କେନ୍ଦ୍ର ଖୋଲିବାକୁ ଗୃହ ଯୋଗାଇ ଦେଇଥିଲା। ଷ୍ଟେଟ ବ୍ୟାଙ୍କ କର୍ତ୍ତୃପକ୍ଷ ପରିଚାଳକମାନଙ୍କୁ ପ୍ରଶିକ୍ଷଣ ଓ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇ ଦେଇଥିଲେ। ଉକ୍ତ ନୂତନ ସେବାକେନ୍ଦ୍ର ନିକଟରେ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବ୍ଲକ ପକ୍ଷରୁ ନିଯୁକ୍ତ ନୋଡାଲ ଅଫିସର, ସେବାକେନ୍ଦ୍ର ପରିଚାଳକ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଆୟୋଜିତ ଆଭାସି କାର୍ଯ୍ୟକ୍ରମରେ ଅପରାହ୍ନ ୪ଟାରେ ମୁଖ୍ୟମନ୍ତ୍ରୀ ସମସ୍ତ ସିଏସ୍‌ପି ପ୍ଲସ୍ କେନ୍ଦ୍ର ଉଦ୍‌ଘାଟନ କରି ଲୋକାର୍ପଣ କରିଥିଲେ। ଉପସ୍ଥିତ ଲୋକେ ହାତ ପାଆନ୍ତାରେ ବ୍ୟାଙ୍କ ସେବା ପାଇ ଖୁସି ବ୍ୟକ୍ତ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ସମେତ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି। ନନ୍ଦପୁର ବ୍ଲକ ୨୩ ପଞ୍ଚାୟତ ବିଶିଷ୍ଟ। ପ୍ରଥମ ପର୍ଯ୍ୟାୟରେ ୧୦ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ବ୍ୟାଙ୍କ ସେବା ଆରମ୍ଭ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ସମସ୍ତ ପଞ୍ଚାୟତରେ ବ୍ୟାଙ୍କସେବା ଉପଲବ୍ଧ କରିବାକୁ ବ୍ୟବସ୍ଥା କରାଯିବ ବୋଲି ବିଡ଼ିଓ ଦୁର୍ଗାପ୍ରସାଦ ଦୋରା କହିଛନ୍ତି।

## ରାଣୀଗୁଡ଼ାରେ ଆରମ୍ଭହେଲା ଆମ ବ୍ୟାଙ୍କ

କୁନ୍ଦୁରା, ୨୮।୧୧ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସୀମାନ୍ତ ଅଞ୍ଚଳ ରାଣୀଗୁଡ଼ାଠାରେ ମଙ୍ଗଳବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆମ ବ୍ୟାଙ୍କ ସେବାର ଶୁଭାରମ୍ଭ ହୋଇଛି। ଏହି ବ୍ୟାଙ୍କ ଆରମ୍ଭ ହେବା ଦ୍ୱାରା ଉକ୍ତ ଅଞ୍ଚଳ ସମେତ ଅନ୍ୟ ଦୁଇ ପଞ୍ଚାୟତ ଭୁସାଙ୍ଗଡ଼ାଗୁଡ଼ା ଏବଂ କୋଟପାଡ ବ୍ଲକର ବବେୟା ପଞ୍ଚାୟତବାସୀ ଉପକୃତ ହେବେ। ବ୍ୟାଙ୍କ ଖୋଲିବା ଦ୍ୱାରା ଅଞ୍ଚଳବାସୀଙ୍କ ଦୀର୍ଘଦିନର ଆଶା ପୂରଣ ହୋଇଛି। ରାଣୀଗୁଡ଼ା କୁନ୍ଦୁରା ବ୍ଲକ ସଦର ମହକୁମାରୁ ୧୭ କି.ମି. ଏବଂ କୋଟପାଡରୁ ମଧ୍ୟ ୧୭ କି.ମି. ଦୂରରେ ରହିଛି। ବ୍ୟାଙ୍କ ସୁବିଧା ନ ଥିବାରୁ ବିଗତ ଦିନରେ ଏହି ଅଞ୍ଚଳର ଲୋକେ ବ୍ୟାଙ୍କସେବା ପାଇବାକୁ କୁନ୍ଦୁରା ବ୍ଲକ ଉପରେ ନିର୍ଭର କରୁଥିଲେ। ବ୍ୟାଙ୍କ କାର୍ଯ୍ୟରେ କୁନ୍ଦୁରା ଗଲେ ଫେରିବା ବେଳକୁ ସନ୍ଧ୍ୟା ହୋଇଯାଉଥିଲା। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ମଧ୍ୟ ବ୍ୟାଙ୍କ ସେବା ପାଇବାକୁ ବହୁ ହଇରାଣ ହେଉଥିଲେ। ପ୍ରତି ପଞ୍ଚାୟତ ସ୍ତରରେ ବ୍ୟାଙ୍କସେବା ଯୋଗାଇଦେବାକୁ ସରକାର ଘୋଷଣା କରିବା ପରେ ମଙ୍ଗଳବାର ରାଣୀଗୁଡ଼ାଠାରେ ବ୍ୟାଙ୍କସେବା ଆରମ୍ଭ ହୋଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କୋଟପାଡ ବିଧାୟିକା ପଦ୍ମିନୀ ଦିଆନ, କୁନ୍ଦୁରା ବିଡ଼ିଓ କପିଳେଶ୍ୱର ତାଣ୍ଡି, ଏବିଓ ରାମପ୍ରସାଦ ଦୋରା, ସମବାୟ ସମିତି ସଭାପତି ସୁଭଦ୍ରା ଭୂମିଆ, ସରପଞ୍ଚ ଶିବ ପ୍ରଧାନୀ, ଜିପିଇଓ ସୁରେଶ ଚନ୍ଦ୍ର ହୋତା, ଅତିରିକ୍ତ ତହସିଲଦାର ଅଶୋକ ପାଲ, ସମିତି ସଭ୍ୟ, ବିଜେଡି ବ୍ଲକ ସଭାପତି ବୃନ୍ଦାବନ ମଲ୍ଲିକ, ବିକ୍ରମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ରାଣୀଗୁଡ଼ାରେ ଆରମ୍ଭ ହୋଇଥିବା ବ୍ୟାଙ୍କସେବା ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଜୟପୁର ବ୍ଲକର ୧୩ ପଞ୍ଚାୟତରେ ନାହିଁ ବ୍ୟାଙ୍କ

### ୩ ଆମ ବ୍ୟାଙ୍କ ଶାଖା ଉଦ୍‌ଘାଟିତ

ଜୟପୁର, ୨୮।୧୧ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକରେ ୩ଟି ଆମ ବ୍ୟାଙ୍କ ଶାଖା ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଦ୍ୱାରା ଉଦ୍‌ଘାଟନ କରିଛନ୍ତି । ଯେଉଁ ପଞ୍ଚାୟତରେ ରଷ୍ଟ୍ରାୟତ ବ୍ୟାଙ୍କ ନାହିଁ ସେଠାରେ ବ୍ୟାଙ୍କ ଶାଖା ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ସେହି ଅନୁସାରେ ପ୍ରଥମ ପର୍ଯ୍ୟାୟରେ ଜୟପୁର ବ୍ଲକର ବଡଜିଉନା, ରଣ୍ଡାପାଲ୍ଲି, ଓ ବାଲିଆରେ ଆମ ବ୍ୟାଙ୍କ ଉଦ୍‌ଘାଟିତ ହୋଇଛି । ଉଦଘାଟନୀ କାର୍ଯ୍ୟକ୍ରମରେ ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ ଉପସ୍ଥିତ ଥିଲେ। ଧନପୁର ପଞ୍ଚାୟତରେ ଦ୍ୱିତୀୟ ପର୍ଯ୍ୟାୟରେ ବ୍ୟାଙ୍କ ଖୋଲାଯିବ। ଜୟପୁର ବ୍ଲକର ୨୨ଟି ପଞ୍ଚାୟତରୁ ୬ଟି ପାଞ୍ଚାୟତରେ ବ୍ୟାଙ୍କ ସେବା ରହିଛି। ବର୍ତ୍ତମାନ ୩ଟି ପଞ୍ଚାୟତରେ ବ୍ୟାଙ୍କ ଶାଖା ଉଦ୍‌ଘାଟିତ ହୋଇଛି । ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ୧୩ଟି ପଞ୍ଚାୟତରେ ବ୍ୟାଙ୍କ ଶାଖା ଖୋଲାଯିବ ବୋଲି ବିଡିଓ ମହାପାତ୍ର କହିଛନ୍ତି ।

## ଗଛରେ ବାଇକ୍ ପିଟିହୋଇ ୨ ମୃତ

କୁନ୍ଦୁରା, ୨୮।୧୧(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବାଗଦେରି ଅଞ୍ଚଳରେ ମଙ୍ଗଳବାର ଏକ ବାଇକ୍ ଦୁର୍ଘଟଣାରେ ୨ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ମଣିରାମ ଭତ୍ରା ଓ ମୋତିରାମ ଭତ୍ରା। ଏହି ଘଟଣା ସାଧାରଣରେ ଆଲୋଡନ ଖେଳାଇଦେଇଛି। ଖବରରୁ ଜଣାପଡିଛି, ମଣିରାମ, ମୋତିରାମ ଓ ନୀଳକଣ୍ଠ ଭତ୍ରା ଗୋଟିଏ ବାଇକ୍‌ରେ କୋଟପାଡ ସାପ୍ତାହିକ ହାଟରୁ ନିଜ ଘର ଟାଙ୍ଗିଆଗୁଡ଼ାକୁ ଫେରୁଥିଲେ। ଏହି ସମୟରେ କୋଟପାଡ ବ୍ଲକର ସାତନମ୍ବର ଗ୍ରାମଠାରେ ସେମାନଙ୍କ ବାଇକ୍ ଏକ ଗଛରେ ପିଟିହୋଇଯାଇଥିଲା। ଘଟଣାସ୍ଥଳରେ ମଣିରାମ ଏବଂ ମୋତିରାମଙ୍କ ମୃତ୍ୟୁ ହୋଇଯାଇଥିଲା। ନୀଳକଣ୍ଠ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ସ୍ଥାନାନ୍ତର କରାଯାଇଛି।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଜୟପୁର, ୨୮।୧୧(ପବନ ପାଣିଗ୍ରାହୀ)

ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଅନ୍ତର୍ଭୁକ୍ତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମକୁ ମଙ୍ଗଳବାର ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଯୁବପିଢ଼ି ପ୍ରତ୍ୟେକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣକରି ସାମର୍ଥ୍ୟ ଓ ଦକ୍ଷତା ପ୍ରମାଣିତ କରିବାକୁ ସେ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ସୁଚିତ୍ରା ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ନୋଡାଲ ଅଫିସର କନକଲତା ମହାପାତ୍ର ଅତିଥି ପରିଚୟ ଦେଇଥିଲେ। ଓଡ଼ିଆ ବିଭାଗର ବିଭାଗୀୟ ମୁଖ୍ୟ ଡମ୍ବରୁଧର ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଆକ୍ରିୟ ଶବର ଧନ୍ୟବାଦ ଦେଇଥିଲେ।

## ୩ ଦିନରେ ୧୦ କୋଟିରୁ ଊର୍ଦ୍ଧ୍ୱ ବ୍ୟବସାୟ

କୋରାପୁଟ, ୨୮।୧୧(ଅମିତାଭ ବେହେରା)

- ରାଜ୍ୟସ୍ତରୀୟ ପରବ ଲୋକ ମହୋତ୍ସବ

କୋରାପୁଟ ଲାଣ୍ଡିଗୁଡାସ୍ଥିତ ଡିଏଭି ମହାବିଦ୍ୟାଳୟ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ଆଦିବାସୀ ମହୋତ୍ସବ 'ପରବ' ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଚାଲିଥିବା ପଲ୍ଲୀଶ୍ରୀ ମେଳାରେ ଗତ ୩ ଦିନରେ ମୋଟ ୧୦ କୋଟି ୨୫ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ଓରମାସର ଅତିରିକ୍ତ ନିର୍ଦ୍ଦେଶକ ରୋଶନ କୁମାର କାର୍ତ୍ତିକ ମଙ୍ଗଳବାର କହିଛନ୍ତି। ଗତ ୨୫ ତାରିଖରେ ୨ କୋଟି ୫୦ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବାବେଳେ ୨୬ରେ ୪କୋଟି ୨୫ଲକ୍ଷ, ୨୭ରେ ୩ କୋଟି ୫୦ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏହି ଜାତୀୟ ପଲ୍ଲିଶ୍ରୀ ଓ ହସ୍ତତନ୍ତ୍ର ମେଳାରେ କୋରାପୁଟ ଅଞ୍ଚଳର ମାଣ୍ଡିଆ, ସୁଆଁ ଓ ଅଦାରୁ ତିଆରି ବିଭିନ୍ନ ଖାଦ୍ୟ ସାଙ୍ଗକୁ କଫି ଲୋକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ପରବର ଏହି ପଲ୍ଲୀଶ୍ରୀ ମେଳା କ୍ଷୁଦ୍ର ଏବଂ ମଧ୍ୟମ ଧରଣର ବ୍ୟବସାୟୀ, ଉତ୍ପାଦକ, କାରିଗର, ଚିତ୍ରଶିଳ୍ପୀ, ବୁଣାକାର ଓ କୁମ୍ଭାକାରଙ୍କ ପାଇଁ ଏକ ସଫଳ ବ୍ୟବସାୟିକ ମଞ୍ଚ ହୋଇଥିଲା। ୧୯୯୬ରେ ଆରମ୍ଭ ହୋଇଥିବା ପରବ ପଲ୍ଲିଶ୍ରୀ ମେଳା ସମୟକ୍ରମେ ନିଜ କଳେବର ବୃଦ୍ଧିକରି ଚଳିତ ବର୍ଷ ଅରମାସ ସହଯୋଗରେ ୩୦୦ ଷ୍ଟଲ ଖୋଲି ବ୍ୟବସାୟ କରିଛି। ସ୍ୱୟଂ ସହାୟକ ଗୋଷ୍ଠୀ, ନାବାର୍ଡ, ମିଶନଶକ୍ତି ଓ ଡିଆଇସି ସହ ଅନୁବନ୍ଧିତ ଗୋଷ୍ଠୀଙ୍କୁ ୧୫୦ଟି ଷ୍ଟଲ ବିନା ଦେୟରେ ପ୍ରଦାନ କରାଯାଇଥିଲା। ଅନ୍ୟ ବ୍ୟବସାୟୀଙ୍କୁ ସ୍ୱଳ୍ପ ଦେୟରେ ଷ୍ଟଲ ଯୋଗାଇ ଦେଇ ସେମାନଙ୍କୁ ବ୍ୟବସାୟ କରିବାର ସୁଯୋଗ ଦେଇଥିଲା ଏହି ଆଦିବାସୀ ମହୋତ୍ସବ। ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ବିକ୍ରି କରୁଥିବା ଶତାଧିକ ଆଦିବାସୀ ମହିଳା ପୁରୁଷଙ୍କ ପାଇଁ ଏହି ଉତ୍ସବ ଓ ମେଳା ଅପୂର୍ବ ସୁଯୋଗ ଆଣିପାରୁଛି। ମେଳାରେ ସେମାନଙ୍କ ସଂଗୃହିତ ଦ୍ରବ୍ୟର ଚାହିଦା ରହିଥିବା ବେଳେ ଏହି ମଞ୍ଚ ବୃହତ୍ତର ବ୍ୟବସାୟ ପାଇଁ ଦ୍ୱାର ଉନ୍ମୁକ୍ତ କରିଛି ବୋଲି ସେମାନେ ପ୍ରକାଶ କରନ୍ତି। ମେଳା ଷ୍ଟଲରେ ନବରଙ୍ଗପୁରର ଡାଇଭଟ୍ଟା ଗ୍ରାମର ଶୋଭା ଭତ୍ରାଙ୍କ ଛତୁ, କୋରାପୁଟ ମଣ୍ଡଳ କାରାଗାରରେ କଏଦୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ, ସମ୍ବଲପୁରର ବସ୍ତ୍ର, କଳାହାଣ୍ଡିର କାଠର ମୂର୍ତ୍ତି ଏବଂ ବ୍ରହ୍ମପୁରର ଆଚାର, ବଡି ଓ ପାମ୍ପଡ଼ ବେଶ ଆଦୃତି ହୋଇଥିଲା ବୋଲି କାର୍ତ୍ତିକ ପ୍ରକାଶ କରିଛନ୍ତି ।

## ବିଦ୍ୟାଳୟରେ ସ୍ୱାସ୍ଥ୍ୟ କର୍ମଶାଳା

ଉମରକୋଟ, ୨୮।୧୧ (ସନ୍ତୋଷ ଶତପଥୀ)



ଉମରକୋଟ ନିକଟସ୍ଥ ଅଧିକାରୀଗୁଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ସ୍ୱାସ୍ଥ୍ୟ କର୍ମଶାଳା ଅନୁଷ୍ଠିତ ହୋଇଛି। ରାୟଗଡ଼ା ଆୟୁଷ ସର୍କଲ ଦ୍ୱାରା ଏହି ବିଦ୍ୟାଳୟ ସ୍ୱାସ୍ଥ୍ୟ କର୍ମଶାଳା ଆୟୋଜିତ କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ କର୍ମଶାଳାକୁ ଆୟୁର୍ବେଦିକ ମେଡ଼ିକାଲ ଅଫିସର ଡା ଲକ୍ଷ୍ମୀଧର ପାତ୍ର ଉଦ୍‌ଘାଟନ କରିଥିଲେ । ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବାଶିଷ ନନ୍ଦୀ ସଭାପତିତ୍ୱ କରିଥିଲେ। ଆସନ କାର୍ଯ୍ୟକ୍ରମରେ ପିଲାଙ୍କ ଦୃଷ୍ଟିଶକ୍ତି, ଲେଖିବା ଓ ସ୍ମରଣ ଶକ୍ତି ବଢାଇବା ପାଇଁ ପରେଶ ମହାପାତ୍ର, ପୌନାଙ୍ଗସମୀ ଶବର, ଅଞ୍ଜନ କୁମାର ଜେନା ଓ ପ୍ରଶାନ୍ତ କୁମାର କର ଛାତ୍ରୀଛାତ୍ରଙ୍କୁ ଯୋଗ ଶିକ୍ଷା ଦେଇଥିଲେ। ପ୍ରଶାନ୍ତ କୁମାର କରଙ୍କ ଶୀର୍ଷସନ ସମସ୍ତଙ୍କୁ ଆକର୍ଷିତ କରିଥିଲା । ପରେ ସ୍ୱାସ୍ଥ୍ୟ ସଚେତନତା ଉପରେ ବାଳିକାଙ୍କୁ ଡା ଅନୁପମା ହାଲଦାର, ଡା ମଣିକ ରାଣୀ ଶିକଦାର, ଡା ସାବିତ୍ରୀ ଗଣ୍ଡ ଓ ଡା ମାନସୀ ହରପାଲ ଏବଂ ବାଳକଙ୍କୁ ଡା ରଜତ ମଲ୍ଲିକ ଓ ଡା ପାତ୍ର ପ୍ରଦାନ କରିଥିଲେ। ଔଷଧୀୟ ବୃକ୍ଷ ଶତାବରୀ, ପିପଳି, ହାଡଯୋଡ ବାସଙ୍ଗ, ଆୟାପନ ଗୁଡମାରି, ବ୍ରହ୍ମଯଷ୍ଟି, ମଲ୍ଟି ଭିଟାମିନ, ସରପଗନ୍ଧା ଇତ୍ୟାଦି ଚାରାରୋପଣ କରାଯାଇଥିଲା। ଶେଷରେ ସମସ୍ତ ଛାତ୍ରୀଛାତ୍ର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା।

## ଗଞ୍ଜେଇ ଜବତ, ଜଣେ ଗିରଫ

ନନ୍ଦପୁର, ୨୮।୧୧ (ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ଅଞ୍ଚଳରୁ ଛତିଶଗଡ଼ ଅଞ୍ଚଳକୁ ଚାଲାଣ ହେଉଥିବା ଗଞ୍ଜେଇକୁ ପୋଲିସ ମଙ୍ଗଳବାର ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଟ୍ରାକ୍ଟର ଚାଳକ ଧର୍ମେନ୍ଦ୍ର କାଡରା। ତାଙ୍କ ଘର ରାୟଗଡ଼ା ଜିଲାର କିରନାଲ ଗ୍ରାମରେ। ଜବତ ଗଞ୍ଜେଇର ପରିମାଣ ୧୨୮ କିଲୋ ୩୦୦ ଗ୍ରାମ। ଗଞ୍ଜେଇ ଚୋରାଚାଲାଣ ସୂଚନା ପାଇ ଥାନାଧିକାରୀ ଆଶ୍ରିତା ଖାଲ୍‌କୋ, ଏସ୍‌ଆଇ ବେଦବର ସାହୁ ଜଗିରହି ଏକ ନମ୍ବର ବିହୀନ ଟ୍ରାକ୍ଟର ଆସୁଥିବା ଦେଖି ଏହାକୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା ବୋଲି ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି। କେସ୍ ନଂ. ୧୫୩/୨୩।

## ଦିନ ଦ୍ୱିପ୍ରହରରେ ଘରେ ପଶି କଳାକନା ବୁଲାଇଲେ ଦୁର୍ବୃତ୍ତ

ଡ଼ାବୁଗାଁ, ୨୮।୧୧ (ପ୍ରଜ୍ଞାରଞ୍ଜନ ପରିଡା)

- ନେଇଗଲେ ୪ ସୁନା ହାର, ୧୨ ମୁଦି, ୨୫୦ ଗ୍ରାମର ରୁପା ଅଳଙ୍କାର ସହ ଟଙ୍କା

ନବରଙ୍ଗପୁର ଜିଲା ଡ଼ାବୁଗାଁ ବ୍ଲକ ସଦର ମହକୁମାର ପାତ୍ରସାହିରେ ଦିନ ଦ୍ୱିପହରରେ କେତେକ ଦୁର୍ବୃତ୍ତ କଳାକନା ବୁଲାଇଛନ୍ତି। ମଙ୍ଗଳବାର ପାତ୍ରସାହିର ଅଭିନ କୁମାର ପାତ୍ରଙ୍କ ଘରେ ପଶି ବହୁ ସାମଗ୍ରୀ ଚୋରି କରିନେଇ ଯାଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଛି।

ଖବରରୁ ଜଣାପଡିଛି, ସୋମବାର ଅଭିନଙ୍କ ପରିବାର ସକାଳୁ ମେଡିକାଲ କାମରେ ଛତିଶଗଡ଼ର ଜଗଦଲପୁରକୁ ଯାଇଥିଲେ। ସନ୍ଧ୍ୟା ସାଢେ ୭ଟା ବେଳକୁ ସେମାନେ ଘରକୁ ଫେରିଥିଲେ। ଘରେ ପହଞ୍ଚି ଅଭିନ ତାଙ୍କ ଘର କବାଟ ସାମନା ପଟୁ ତାଲା ଭାଙ୍ଗାଯାଇଥିବା ଏବଂ ଭିତରପଟୁ କବାଟ ବନ୍ଦ ରହିଥିବା ଦେଖିବାକୁ ପାଇଥିଲେ। ସେ ଘର ପଛ ପଟକୁ ଯିବାରୁ ପଛପଟ କବାଟ ଖୋଲା ରହିଥିବା ଦେଖିବାକୁ ପାଇଥିଲେ। ତାଙ୍କ ପାଟି ଶୁଣି ପଡୋଶୀ ଜମା ହୋଇଯାଇଥିଲେ । ଘର ଭିତରକୁ ଯାଇ ଦେଖିବାରୁ ଆଲମାରୀ ଲକର ଭଙ୍ଗାଯାଇଥିବା ଏବଂ ଆଲମାରୀ ଖୋଲା ଥିବା ସେ ଦେଖିଥିଲେ। ତା' ଭିତରେ ଥିବା ୪ଟି ସୁନା ହାର, ୧୨ଟି ସୁନା ମୁଦି, ୨୫୦ ଗ୍ରାମର ରୁପା ଅଳଙ୍କାର ସହ ୧୦ ହଜାର ଟଙ୍କା ଚୋରି ଯାଇଥିବା ଅଭିନ ଜାଣିବାକୁ ପାଇଥିଲେ। ଏନେଇ ସେ ଥାନାକୁ ଫୋନ କରି ଜଣାଇଥିଲେ। ପରେ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ଆଇଆଇସି ସୁନୀଲ ପ୍ରଧାନ, ଏସ୍‌ଆଇ ବିଜୁରାମ ବାଗ, ଚନ୍ଦନ ସାହୁ ଏବଂ ସାଇଣ୍ଟିଫିକ ଟିମ୍ ସନ୍ଧାନୀ କୁକୁର ସହ ଘଟଣା ସ୍ଥଳରେ ପାହଞ୍ଚି ତଦନ୍ତ କରିଛନ୍ତି। କେସ୍ ନଂ. ୨୧୧/୨୩ରେ ଏକ ମାମଲା ରୁଜୁ ହୋଇଛି।

## ଆମ ବ୍ୟାଙ୍କ ସେବା ଉଦ୍‌ଘାଟିତ

ଉମରକୋଟ, ଡାବୁଗାଁ ୨୮।୧୧
(ସନ୍ତୋଷ ଶତପଥୀ/ ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲାର ଉମରକୋଟ ଓ ଡାବୁଗାଁରେ ମଙ୍ଗଳବାର ଆମ ବ୍ୟାଙ୍କ ସେବା ଉଦ୍‌ଘାଟିତ ହୋଇଛି। ଉମରକୋଟ ବ୍ଲକ୍‌ର ଅଞ୍ଚଳାଠାରେ ଆମ ବ୍ୟାଙ୍କ ସେବା ଉଦ୍‌ଘାଟିତ ହୋଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା, ଜିଲା ପରିଷଦ ସଦସ୍ୟା ଛାୟା ବିଶ୍ୱାସ, ସରପଞ୍ଚ ଅର୍ଜୁନ ଭତ୍ରା, ସମିତି ସଭ୍ୟ ଗୁଣଧର ଭତ୍ରା, ଲ୍ୟାମ୍ପ ସଭାପତି ପୁରୁଷୋତ୍ତମ ପୁଜାରୀ, ଉମରକୋଟ ଟାଉନ ସଭାପତି କୈଳାସ ନାୟକ, ଉମରକୋଟ ବିଡ଼ିଓ ପ୍ରୀତି ରଞ୍ଜନ ରଥ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଂକେତ ନାୟକଙ୍କ ସମେତ ୧ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତି ଯୋଗ ଦେଇଥିଲେ। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଦ୍ୱାରା ଏହି ସେବା ଆରମ୍ଭ ହେଇଛି। ଏହି ସେବା ଦାରା ସ୍ଥାନୀୟ ଲୋକଙ୍କୁ ଆଉ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ନାହିଁ। ବିଶେଷ କରି ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ ବ୍ୟକ୍ତି ଏଥିରେ ବହୁ ଉପକୃତ ହେଇପାରିବେ ବୋଲି ଏମପି ମାଝୀ କହିଥିଲେ। ଏହି ଶାଖାରେ ନୂଆ ଆକାଉଣ୍ଟ ଖୋଲିବା, ଋଣ ପ୍ରଦାନ ପାଇଁ ଲୋକଙ୍କୁ ଆଉ ଦଲାଲଙ୍କ ସାମ୍ନା କରିବାକୁ ପଡିବ ନାହିଁ ବୋଲି ବ୍ଲକ ଅଧ୍ୟକ୍ଷା ମତ ଦେଇଥିଲେ।

ସେହିପରି ଡାବୁଗାଁ ବ୍ଲକ ଜବାଗୁଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ଆମ ବ୍ୟାଙ୍କ ସେବା ଉଦଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଦ୍ୱାରା ଆମ ବ୍ୟାଙ୍କ ସେବାକୁ ଉଦଘାଟନ କରିଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ଏମ୍‌ପି ପ୍ରତିନିଧି ଏମ. ଆପ୍ପା ରାଓ, ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଜବାଗୁଡା ସରପଞ୍ଚ ଗୋମତି ଭତ୍ରା, ସମିତିସଭ୍ୟ ପଦ୍ମନୀ ବିଶୋଇ, ଜୁନାପାଣି ସରପଞ୍ଚ ଦୟାନିଧି ଭତ୍ରା, ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଏ.ଡି ପ୍ରସାଦ, ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ପର୍ଶୁରାମ ମାଳୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଏମ୍‌ପି ରମେଶ ମାଝି ଅଞ୍ଚଳାଠାରେ ଆମ ବ୍ୟାଙ୍କ ସେବା ଉଦ୍‌ଘାଟନ କରୁଛନ୍ତି।

## ଜିଲା କର୍ମକର୍ତ୍ତା ଚୟନ ଶେଷ




ଜିଲା କର୍ମକର୍ତ୍ତା ଚୟନ ଅବସରରେ ମଞ୍ଚାସୀନ ଅତିଥି।

ନବରଙ୍ଗପୁର, ୨୮।୧୧(ସଦାଶିବ ପ୍ରହରାଜ)

- ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ, ଶିକ୍ଷା ନିରୀକ୍ଷକ ସଂଘ
- ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅସୁବିଧାରେ ପକାଇବାକୁ ହେଉଥିବା ଯୋଜନାକୁ ବିରୋଧ

ନବରଙ୍ଗପୁର ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି। ଉମରକୋଟର ଧୋଦ୍ରାଠାରେ ଅନୁଷ୍ଠିତ ନିର୍ବାଚନୀ ପ୍ରକ୍ରିୟାରେ ସଂଘର ରାଜ୍ୟ ସମ୍ପାଦକ ବିଜୟ ରଥ, କୋରାପୁଟ ଜୋନ ସମ୍ପାଦକ ଏନ.ରାଜେଶ କୁମାର, ସହ ସମ୍ପାଦକ ରଞ୍ଜନ ବେହେରା ଏବଂ କୋଷାଧ୍ୟକ୍ଷ କାଳି କିଙ୍କର ପଟ୍ଟନାୟକ ଉପସ୍ଥିତ ରହି ନିର୍ବାଚନ ପରିଚାଳନା କରିଥିଲେ। ନିର୍ବାଚନରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ହୃଷିକେଶ ସାହୁ, କାର୍ଯ୍ୟକାରୀ ସଭପତି ଫ୍ରାନସିସ ନାଗ, ଉପସଭାପତି ସପନ ହଲଦାର ଏବଂ ହରପ୍ରସାଦ ମିଶ୍ର, ସମ୍ପାଦକ ସଞ୍ଜୀବ ପଣ୍ଡା, ଯୁଗ୍ମ ସମ୍ପାଦକ ସୁରେଶ ଚନ୍ଦ୍ର ପାତ୍ର ଏବଂ ଅନୁଶ୍ରୀ ଗଲଦାର, କାର୍ଯ୍ୟକାରୀ ସମ୍ପାଦକ ସତ୍ୟ ନାରାୟଣ ପାତ୍ର ଏବଂ ବିଶ୍ୱଜିତ ମହାରଣା, କୋଷାଧ୍ୟକ୍ଷ ଶୁଭେନ୍ଦୁନାଥ ବେହେରା, ମହିଳା ପ୍ରତିନିଧି ରୂପେ ପ୍ରଭାତୀ ବେହେରା ଏବଂ ତପସିନୀ ମହାନ୍ତି ମନୋନୀତ ହୋଇଥିଲେ। ସେହିପରି ମିଡିଆ ସଂଯୋଜକ ରୂପେ ମନୋଜ ପଟ୍ଟନାୟକ, ସଂଘ ମୁଖପାତ୍ର ପ୍ରଶାନ୍ତ ଜେନା, ଅଡିଟର ରୂପେ ଅଭିମନ୍ୟୁ ପାଣିଗ୍ରାହୀ ଏବଂ ସନ୍ତୋଷ ଦାଶ ମନୋନୀତ ହୋଇଛନ୍ତି। ସେହିପରି ନବରଙ୍ଗପୁର ବ୍ଲକ ପାଇଁ ପ୍ରତିନିଧି ଭାବେ ଅଜୟ ପାଣିଗ୍ରାହୀ, ସଙ୍ଗୀତା ହରିଜନ, କୋଷାଗୁମୁଡ଼ା ପାଇଁ ଆଦିତ୍ୟ ସାହୁ ଏବଂ ସସ୍ମିତା ସାହୁ, ନନ୍ଦହାଣ୍ଡି ପାଇଁ ରବୀନ୍ଦ୍ର ଶତପଥୀ ଏବଂ ସଙ୍ଗୀତାରାଣୀ ପାତ୍ର, ତେନ୍ତୁଳିଖୁଣ୍ଟି ପାଇଁ ପ୍ରଦୀପ ବେହେରା ଏବଂ ସଙ୍ଗୀତା ପଟ୍ଟନାୟକ, ପାପଡାହାଣ୍ଡି ପାଇଁ ବିଶ୍ୱଜିତ ପାଣି ଏବଂ ସତ୍ୟଭାମା ଚୌଧୁରୀ, ଡ଼ାବୁଗାଁ ପାଇଁ ମହେଶ୍ୱର ନାୟକ, ସୁଦେଶନା ଜ୍ୟୋତି, ରାଇଘର ପାଇଁ ଜଗନ୍ନାଥ ରାୟ ଏବଂ ସଙ୍ଗୀତା ବାଘ, ଉମରକୋଟ ପାଇଁ ଅରୁଣ ଷଡଙ୍ଗୀ ଏବଂ ଆଲାଦିନ ପଟ୍ଟନାୟକ ଝରିଗାଁ ପାଇଁ ଜୀବନ ପ୍ରକାଶ ନାୟକ ଏବଂ ବର୍ଷାରାଣୀ ସ୍ୱାଇଁ ଏବଂ ଚାନ୍ଦାହାଣ୍ଡି ପାଇଁ ବବିତା ମାଝୀ ଏବଂ ବିଶ୍ୱମ୍ଭର ନାୟକ ନିର୍ବାଚିତ ହୋଇଛନ୍ତି। ସଂଘର ଉପଦେଷ୍ଟା ରୂପେ ସୁକାନ୍ତ ସ୍ୱାଇଁ, ସାଧୁରମ ଭତରା, ପଙ୍କଜ ଚୌଧୁରୀ, ଅସିତ୍ ମହାନ୍ତି ଏବଂ ସୁଚିତ୍ରା ବ୍ରହ୍ମା ରହିଛନ୍ତି।

ଅନ୍ୟପକ୍ଷରେ ନିର୍ବାଚନ ପ୍ରକ୍ରିୟା ପୂର୍ବରୁ ଏକ ବୈଠକ ହୋଇଥିଲା। ନବରଙ୍ଗପୁର ଜିଲାରେ ବିଭିନ୍ନ ସମୟରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପରେ ହୋଉଥିବା ମିଛ ଅଭିଯୋଗ ଏବଂ ସେମାନଙ୍କ ସୁରକ୍ଷା, ସେମାନଙ୍କ ସମସ୍ୟା ସମାଧାନ ସମ୍ପର୍କରେ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ ବଡଭରଣ୍ଡି ଆଶ୍ରମ ବିଦ୍ୟାଳୟରେ ଘଟିଥିବା ଛାତ୍ରୀ ବଳାତ୍କାର ଘଟଣାରେ ପ୍ରକୃତ ସତ୍ୟାସତ୍ୟ ନ ଜାଣି ଶିକ୍ଷକଙ୍କୁ ଅସୁବିଧାରେ ପକାଇବା ଲାଗି ଯୋଜନା ପ୍ରସ୍ତୁତ ହୋଇଥିଲା ବୋଲି ଶିକ୍ଷୟିତ୍ରୀ ଶିକ୍ଷକମାନେ ଅଭିଯୋଗ ଆଣି ବୈଠକରେ ଉଦବେଗ ପ୍ରକାଶ କରିଥିଲେ। ରାଜ୍ୟ ସଂଘର ନବରଙ୍ଗପୁର ଜିଲା ପ୍ରତିନିଧି ପ୍ରଫୁଲ୍ଲ ସାହୁ ଧନ୍ୟବାଦ ଦେଇଥିଲେ।

